# ରାଜ୍ୟ ସିଲେକ୍ସନ ବୋର୍ଡ, ଓଡିଶା ପୋଲିସ୍, କଟକ
# ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (OISF)ରେ  କନେଷ୍ଟବଳ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ ।

----

ରାଜ୍ୟ ଗୃହ ବିଭାଗ ଦ୍ୱାରା ଅନୁମୋଦିତ ହୋଇ ନୂତନ ଭାବେ ଗଠିତ ହୋଇଥିବା ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(OISF)ର ୧୩୭୦ଟି କନେଷ୍ଟବଳ ପଦବୀ ପୂରଣ ପାଇଁ  ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ  ଆହ୍ୱାନ  କରାଯାଉଛି  ।  ଏହି ନିଯୁକ୍ତି ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ମାନଙ୍କର ଚୟନ (Selection) ରାଜ୍ୟ ସ୍ତରୀୟ ଅଟେଏବଂ ଏହା ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ସ୍ଥିରୀକୃତ କରାଯିବ ।  ଦରଖାସ୍ତଗୁଡିକ  ସମ୍ପୃକ୍ତ  ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ  କାର୍ଯ୍ୟାଳୟରେ **ତା:୦୪.୦୧.୨୦୧୬** ରିଖ  (ଚାରି ଜାନୁଆରୀ ଦୁଇହଜାର ଷୋହଳ ମସିହା)ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

**୧.** **<u>ବର୍ଗ ଅନୁସାରେ ଖାଲିଥିବା କନେଷ୍ଟବଳ ପଦବୀ ସଂଖ୍ୟା</u>**

| ସାଧାରଣ ବର୍ଗ UR (୫୦%) | | ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗSEBC(୧୧.୨୫%) | | ଅନୁସୂଚିତ ଜାତିSC(୧୬.୨୫%) | | ଅନୁସୂଚିତ ଉପଜାତିST(୨୨.୫୦%) | | ସମୁଦାୟ ପଦବୀ ସଂଖ୍ୟା | |
|---|---|---|---|---|---|---|---|---|---|
| ୬୮୫ | | ୧୫୪ | | ୨୨୩ | | ୩୦୮ | | ୧୩୭୦ | |
| ପୁରୁଷ (୮୫%) | ମହିଳା (୧୫%) | ପୁରୁଷ (୮୫%) | ମହିଳା (୧୫%) | ପୁରୁଷ (୮୫%) | ମହିଳା (୧୫%) | ପୁରୁଷ (୮୫%) | ମହିଳା (୧୫%) | ପୁରୁଷ (୮୫%) | ମହିଳା (୧୫%) |
| ୫୮୨ | ୧୦୩ | ୧୩୧ | ୨୩ | ୧୮୯ | ୩୪ | ୨୬୨ | ୪୬ | ୧୧୬୪ | ୨୦୬ |

ଏତଦ୍ ବ୍ୟତୀତ ଗୃହରକ୍ଷୀ / ଅବସରପ୍ରାପ୍ତ ସାମରିକ କର୍ମଚାରୀ / କ୍ରୀଡାବିତ୍ ପ୍ରାର୍ଥୀମାନଙ୍କ ନିମନ୍ତେ  ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି ।

**୨.** ନିମ୍ନଲିଖିତ ଜିଲ୍ଲାରେ କନେଷ୍ଟବଳ ପଦବୀ ନିମନ୍ତେ ଶାରୀରିକ ମାପ / ଶାରୀରିକ ଦକ୍ଷତା / ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ପ୍ରାର୍ଥୀମାନେ ଯେଉଁ ଜିଲ୍ଲାର ହୋଇଥିବେ ସେହି ସମ୍ପୃକ୍ତ ଜିଲ୍ଲାରେ ଆବେଦନ କରିବେ ।

## ଶାରୀରିକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ ନିଯୁକ୍ତି ପରୀକ୍ଷା କେନ୍ଦ୍ର

| କ୍ରମିକ ସଂଖ୍ୟା | ଆବେଦନ କରିବାପାଇଁ ଜିଲ୍ଲାର ନାମ | ନିଯୁକ୍ତି ପରୀକ୍ଷା କେନ୍ଦ୍ର |
|---|---|---|
| ୧. | କଟକ | ଇରିଗେସନ୍ ପଡିଆ, ନରାଜ, କଟକ । |
| ୨. | ଜଗତସିଂହପୁର | ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, କଣ୍ଠାବଲ୍ଲଭପୁର, ଜଗତସିଂହପୁର । |
| ୩. | ଯାଜପୁର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ପାଣିକୋଇଲି, ଯାଜପୁର । |
| ୪. | ନୟାଗଡ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ନୟାଗଡ । |
| ୫. | କେନ୍ଦ୍ରାପଡା | ରିଜର୍ଭ ପୋଲିସ୍ ଲାଇନ ପଡିଆ, ଜଜାଙ୍ଗ, କେନ୍ଦାପଡା । |
| ୬. | ପୁରୀ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ପୁରୀ । |
| ୭. | ଖୋର୍ଦ୍ଧା | ରିଜର୍ଭ ପୋଲିସ୍ ଲାଇନ ପଡିଆ, ତାରତୁଆ, ଖୋର୍ଦ୍ଧା । |
| ୮. | ବାଲେଶ୍ୱର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ବାଲେଶ୍ୱର । |
| ୯. | ଭଦ୍ରକ | ନେହେରୁ ଷ୍ଟାଡିୟମ, ଭଦ୍ରକ । |
| ୧୦. | ମୟୂରଭଞ୍ଜ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ଭଞ୍ଜପୁର, ବାରିପଦା । |
| ୧୧. | ଗଞ୍ଜାମ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ଛତ୍ରପୁର । |
| ୧୨. | ଗଜପତି | ରିଜର୍ଭ ପୋଲିସ୍ ଲାଇନ ପଡିଆ, ବେତଗୁଡା, ପାରଳାଖେମୁଣ୍ଡି । |
| ୧୩. | ବୌଦ୍ଧ | ୫ମ ଆଇ.ଆର୍.ବାଟାଲିୟନ ପଡିଆ, ବଳସିଙ୍ଗା, ବୌଦ୍ଧ । |
| ୧୪. | କନ୍ଧମାଳ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ମାଡିକୁନ୍ଦା, ଫୁଲବାଣି । |
| ୧୫. | ଅନୁଗୁଳ | ବିଜୁପଟ୍ଟନାୟକ ଷ୍ଟାଡିୟମ, ନାଲ୍କୋ ନଗର, ଅନୁଗୁଳ । |
| ୧୬. | ଢେଙ୍କାନାଳ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ଢେଙ୍କାନାଳ । |
| ୧୭. | ଦେବଗଡ | ଇନ୍ଦିରା ଗାନ୍ଧି ଷ୍ଟାଡିୟମ, ଦେବଗଡ । |
| ୧୮. | ସମ୍ବଲପୁର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ସମ୍ବଲପୁର । |
| ୧୯. | ବରଗଡ | ନୂଆ ରିଜର୍ଭ ପୋଲିସ୍ ଲାଇନ ପଡିଆ, ପଥର୍ଲା, ବରଗଡ । |
| ୨୦. | ବାଲଙ୍ଗିର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ମନୋହରପୁର, ବଲାଙ୍ଗିର । |
| ୨୧. | ଝରାସୁଗଡା | ଓ.ଏସ୍.ଏ.ପି., ୨ୟ ବାଟାଲିୟନ ପଡିଆ, ଝାରସୁଗୁଡା । |
| ୨୨. | ସୁବର୍ଣ୍ଣପୁର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ସୋନପୁର । |
| ୨୩. | କୋରାପୁଟ | ରିଜର୍ଭ ପୋଲିସ୍ ଲାଇନ ପଡିଆ, କୋରାପୁଟ । |
| ୨୪. | ମାଲକାନ୍‌ଗିରି | ଡି.ଏନ୍.କେ. ଗ୍ରାଉଣ୍ଡ, ମାଲକାନଗିରି । |
| ୨୫. | ରାୟଗଡା | ଜି.ସି.ଡି. ହାଇସ୍କୁଲ ପଡିଆ, ରାୟଗଡା । |
| ୨୬. | କଳାହାଣ୍ଡି | ରିଜର୍ଭ ପୋଲିସ୍ ଲାଇନ ପଡିଆ, ଭବାନୀପାଟଣା । |
| ୨୭. | ନୂଆପଡା | ମିନି ଷ୍ଟାଡିୟମ, ନୂଆପଡା । |
| ୨୮. | ନବରଙ୍ଗପୁର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ନବଗଙ୍ଗପୁର । |
| ୨୯. | ସୁନ୍ଦରଗଡ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ସଙ୍କରା, ସୁନ୍ଦରଗଡ । |
| ୩୦. | କେଉଁଝର | ରିଜର୍ଭ ପୋଲିସ୍ ଲାଇନ ପଡିଆ, କେଉଁଝର । |

ପ୍ରାର୍ଥୀମାନେ ଶାରୀରିକ ମାପ/ଦକ୍ଷତା ପରୀକ୍ଷା ନିମନ୍ତେ **ତା:୧୭.୦୧.୨୦୧୬ରିଖ ସକାଳ ୭ଟା (ସାତଘଣ୍ଟା)** ସମୟରେ ଉପରୋକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ । ଏହି ପରୀକ୍ଷା ଅଧିକ ଦିନ ଲାଗିପାରେ, ଏଥିପାଇଁ ପ୍ରାର୍ଥୀମାନେ ରହିବାପାଇଁ ପ୍ରସ୍ତୁତି ହୋଇ ଆସିଥିବା ଆବଶ୍ୟକ ।

**୩. ଚାକିରୀରେ ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ**

ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ନଂ.୩୨୦୧୦/Genତା.୧୨.୧୧.୨୦୧୩ ରିଖ ସର୍ତ୍ତାବଳୀ ଅନୁସାରେ ପ୍ରାରମ୍ଭିକ ଚାକିରିରେ ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ **(ଗ୍ରୁପ୍- ସି ଏବଂ ଗ୍ରୁପ୍-ଡି. ପଦବୀ ପାଇଁ)** ପରିଚାଳନା କରାଯିବ ।

**୪. ପରୀକ୍ଷା ଫିସ**

ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(OISF)ରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ ନିମନ୍ତେ ପ୍ରାର୍ଥୀ (ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତି ବ୍ୟତୀତ) **ଟ.୧୫୦/- (ଏକଶହ ପଚାଶ ଟଙ୍କା)**ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଠାଇବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ନିମ୍ନମତେ ଦେୟ ହେବା ଆବଶ୍ୟକ ।

| **କ୍ରମିକ ସଂଖ୍ୟା** | **ଜିଲ୍ଲାର ନାମ** | **କାହାନାମରେ ଦେୟ ହେବ** | **କେଉଁଠାରେ ଦେୟ ହେବ** |
|---|---|---|---|
| ୧. | କଟକ | Supdt. of Police, Cuttack. | Cuttack. |
| ୨. | ଜଗତସିଂହପୁର | Supdt. of Police, Jagatsinghpur. | Jagatsinghpur. |
| ୩. | ଯାଜପୁର | Supdt. of Police, Jajpur. | Jajpur. |
| ୪. | ନୟାଗଡ | Supdt. of Police, Nayagarh. | Nayagarh. |
| ୫. | କେନ୍ଦ୍ରାପଡା | Supdt. of Police, Kendrapara. | Kendrapara. |
| ୬. | ପୁରୀ | Supdt. of Police, Puri. | Puri. |
| ୭. | ଖୋର୍ଦ୍ଧା | Supdt. of Police, Khordha. | Khordha. |
| ୮. | ବାଲେଶ୍ୱର | Supdt. of Police, Balasore. | Balasore. |
| ୯. | ଭଦ୍ରକ | Supdt. of Police,Bhadrak. | Bhadrak. |
| ୧୦. | ମୟୂରଭଞ୍ଜ | Supdt. of Police, Mayurbhanj. | Baripada. |
| ୧୧. | ଗଞ୍ଜାମ | Supdt. of Police, Ganjam. | Ganjam. |
| ୧୨. | ଗଜପତି | Supdt. of Police, Gajapati. | Gajapati. |
| ୧୩. | ବୌଦ୍ଧ | Supdt. of Police, Boudh. | Boudh. |
| ୧୪. | କନ୍ଧମାଳ | Supdt. of Police, Kandhamal. | Kandhamal. |
| ୧୫. | ଅନୁଗୁଳ | Supdt. of Police, Angul. | Angul. |
| ୧୬. | ଡେଙ୍କାନାଳ | Supdt. of Police,Dhenkanal. | Dhenkanal. |
| ୧୭. | ଦେବଗଡ | Supdt. of Police, Deogarh. | Deogarh. |
| ୧୮. | ସମ୍ବଲପୁର | Supdt. of Police, Sambalpur. | Sambalpur. |
| ୧୯. | ବରଗଡ | Supdt. of Police, Bargarh. | Bargarh. |
| ୨୦. | ବାଲଙ୍ଗିର | Supdt. of Police, Bolangir. | Bolangir. |
| ୨୧. | ଝରାସୁଗଡା | Supdt. of Police, Jharsuguda. | Jharsguda. |
| ୨୨. | ସୁବର୍ଣ୍ଣପୁର | Supdt. of Police, Subarnapur. | Sonepur. |

| | | | |
|---|---|---|---|
| ୨୩. | କୋରାପୁଟ | Supdt. of Police, Koraput. | Koraput. |
| ୨୪. | ମାଲକାନ୍‌ଗିରି | Supdt. of Police, Malkangiri. | Malkangiri. |
| ୨୫. | ରାୟଗଡା | Supdt. of Police, Rayagada. | Rayagada. |
| ୨୬. | କଳାହାଣ୍ଡି | Supdt. of Police,Kalahandi. | Bhawanipatna. |
| ୨୭. | ନୂଆପଡା | Supdt. of Police,Nuapada. | Nuapada. |
| ୨୮. | ନବରଙ୍ଗପୁର | Supdt. of Police,Nawarangpur. | Nawarangpur. |
| ୨୯. | ସୁନ୍ଦରଗଡ | Supdt. of Police, Sundargarh. | Sundargarh. |
| ୩୦. | କେଉଁଝର | Supdt. of Police,Keonjhar. | Keonjhar. |

ବ୍ୟାଙ୍କ ଡ୍ରାଫ୍‌ଟ/ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଅନୁସୂଚିତ ଜାତି/ଅନୁସୂଚିତ ଉପଜାତିର ପ୍ରାର୍ଥୀମାନଙ୍କ ପାଇଁ କୌଣସି ପରୀକ୍ଷା ଫିସ୍ ପଡିବ ନାହିଁ ।

## ୫. ନାମ ପଞ୍ଜିକରଣ

ପ୍ରାର୍ଥୀ ରାଜ୍ୟର ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବେ । ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜିକରଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିନଥିବେ ।

## ୬. ବୟସ ସୀମା

ପ୍ରାର୍ଥୀଙ୍କର ବୟସ ତା.୧.୧.୨୦୧୫ ରିଖ ସୁଦ୍ଧା୧୮ ବର୍ଷରୁ କମ୍ କିମ୍ବା ୨୩ ବର୍ଷରୁ ଅଧିକ ହୋଇନଥିବ । ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ, ଗୃହରକ୍ଷୀ ଏବଂ ସମସ୍ତ ବର୍ଗର ମହିଳା ପ୍ରାର୍ଥୀମାନଙ୍କପାଇଁ ସର୍ବୋଚ୍ଚ ବୟସସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ । ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କର ସର୍ବୋଚ୍ଚ ବୟସସୀମା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ । ପ୍ରାର୍ଥୀ ଉପରୋକ୍ତ ସୁବିଧା ଗୁଡିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇବେ ।

## ୭. ଶିକ୍ଷାଗତ ଯୋଗ୍ୟତା

ପ୍ରାର୍ଥୀ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

## ୮. ଅନ୍ୟାନ୍ୟ ଯୋଗ୍ୟତା

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତି/ପତ୍ନୀ ନଥିବେ ।

(ଗ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇନଥିବେ ।

**ବି.ଦ୍ର.**ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(OISF)ର କନେଷ୍ଟବଳ ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ନିମନ୍ତେ ଦାଖଲ କରିବେ । ଯେଉଁ ପ୍ରାର୍ଥୀ କନେଷ୍ଟବଳ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏତଦ୍ ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ (Selection Board)ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର କନେଷ୍ଟବଳ ପଦବୀପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Notification No.1925-Home-SPL-IS-0002/2013-HOME, dtd.14.07.2014ରେ ଉପଲବ୍ଧ ଅଟେ ।

**୯. (କ) ଶାରୀରିକ ମାପ**

ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସଂ. | ବର୍ଗ | ଉଚ୍ଚତା | ଓଜନ | ଛାତିମାପ | | ମହିଳା | |
|---|---|---|---|---|---|---|---|
| | | | | ଅଣସଂପ୍ରସାରିତ | ସଂପ୍ରସାରିତ | ଉଚ୍ଚତା | ଓଜନ |
| ୧. | ଅସଂରକ୍ଷିତ ବର୍ଗ/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. | ୧୫୮ ସେ.ମି. | ୪୭.୫ କେ.ଜି. |
| ୨. | ଅନୁସୂଚିତ ଜାତି/ ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. | ୧୫୩ ସେ.ମି. | ୪୫ କେ.ଜି. |

**(ଖ)** ଯେଉଁ କ୍ରୀଡାବିତ୍‌ମାନେ ସ୍ତମ୍ଭ ୧୩ ରେ ଦର୍ଶାଯାଇଥିବା କ୍ରୀଡା ବିଭାଗରେ ଓପନ ଜାତୀୟ ଚମ୍ପିଆନ୍‌ସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ପ୍ରାର୍ଥୀ ଭାବେ ଭାଗନେଇଥିବେ ଏବଂ ତାହା ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା / ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦିତ ହୋଇଥିବେ ଏବଂ କ୍ରୀଡା ନିର୍ଦ୍ଦେଶାଳୟରୁ ଆବଶ୍ୟାକ ପରିଚୟ ପତ୍ର ପାଇଥିବେ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି. ଛାତି ମାପରେ ୨ ସେ.ମି. ଓ ଓଜନରେ ୫ କି.ଗ୍ରା. ପର୍ଯ୍ୟନ୍ତ ନିୟମ ଅନୁଯାୟୀ କୋହଳ ପାଇବାର ବ୍ୟବସ୍ଥା ରହିଅଛି

**(ଗ) ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(OISF) ରେକନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ନାହିଁ ।**

**୧୦. ଶାରୀରିକ ମାପ/ଶାରୀରିକ ଦକ୍ଷତା ପରୀକ୍ଷା**

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା, ଲିଖିତ ପରୀକ୍ଷା ଇତ୍ୟାଦି ଅନୁଷ୍ଠିତ ହେବ । ପ୍ରାର୍ଥୀ ଅଧିକ ହେଲେ ଶାରୀରିକ ଦକ୍ଷତା ପରୀକ୍ଷା ଅଧିକ ଦିନ ଲାଗିପାରେ। ସେଥିପାଇଁ ପ୍ରାର୍ଥୀମାନେ ଅଧିକଦିନ ରହିବାପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଶାରୀରିକ ଦକ୍ଷତା ପରୀକ୍ଷା ନିମନ୍ତେ ପ୍ରଯୁକ୍ତି ଜ୍ଞାନକୌଶଳ (Technology) ପ୍ରୟୋଗ କରାଯାଇପାରେ । ଶାରୀରିକ ମାପ ପୂର୍ବରୁ କିମ୍ବା ପରେ ପ୍ରାର୍ଥୀଙ୍କର କୌଣସି ଶାରୀରିକ ଅକ୍ଷମତା ଅଛି କି ନାହିଁ, ତାହା

ଜାଣିବା ପାଇଁ ୟୁନିଟ ଲେଭଲ୍ ସିଲେକ୍ସନ ବୋର୍ଡର ଏକ କମିଟି ଦ୍ୱାରା ପରୀକ୍ଷା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୁଡାନ୍ତ ହେବ । ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା/ପୁନଃ ପରୀକ୍ଷା କରାଯାଇପାରେ । ଏତଦ୍ ବ୍ୟତୀତ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖରେ କରାଯାଇପାରେ । ଏ ସମ୍ବନ୍ଧରେ ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଦେବେ ।

**କ) ଶାରୀରିକ ମାପ (ଉଚ୍ଚତା) - ୩ ବୋନସ୍ ମାର୍କ**

ଯେଉଁ ପ୍ରାର୍ଥୀମାନଙ୍କର ଉଚ୍ଚତା ୧୬୮ ସେଣ୍ଟିମିଟର ବା ତାହା ଠାରୁ ଅଧିକ ହୋଇଥିବ ସେମାନେ ୩ ନମ୍ବର ବୋନସ ମାର୍କ ପାଇବେ ।

**(ଖ) ଶାରୀରିକ ଦକ୍ଷତା ପରୀକ୍ଷା - ମୋଟ ନମ୍ବର ୪୦**

ନିମ୍ନଲିଖିତ ବିଭାଗ (event)ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

**ପୁରୁଷ ମାନଙ୍କ ପାଇଁ**

| | | **ସମୟ** | **ନମ୍ବର** |
|---|---|---|---|
| (୧) | **ଦୌଡ** - ୧.୬ କି.ମି. | ୫ ମିନିଟ୍ | ୧୦ |
| | | ୫.୩୦ ମିନିଟ୍ | ୮ |
| | | ୬ ମିନିଟ୍ | ୬ |
| | | ୬.୩୦ ମିନିଟ୍ | ୪ |

୬.୩୦ ମିନିଟ୍ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | |
|---|---|---|
| (୨) | **ଉଚ୍ଚ ଡିଆଁ** - ୧.୨୨ ମିଟର | ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କଲେ ୩ ନମ୍ବର |
| | (ତିନିଥର ସୁଯୋଗ ଦିଆଯିବ) | ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ ୨ ନମ୍ବର |
| | | ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ ୧ ନମ୍ବର |

୩ଥରରେ ୧.୨୨ମିଟର ଉଚ୍ଚଡିଆଁ ଡେଇଁନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ**- ଯେଉଁ ପ୍ରାର୍ଥୀ ପ୍ରଥମ ସୁଯୋଗରେ ୧.୨୨ ମିଟର ଉଚ୍ଚଡିଆଁ ଡେଇଁ ପାରିବେ, ତାଙ୍କୁ ପରବର୍ତ୍ତୀ ଉଚ୍ଚତର ଡିଆଁରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ । ଏହି ସୁଯୋଗ ସେ ପର୍ଯ୍ୟାୟକ୍ରମେ ନିମ୍ନଲିଖିତ ଉଚ୍ଚଡିଆଁ ପାଇଁ ତିନି ଥର ସୁଯୋଗ ପାଇବେ । ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ କେବଳ ନମ୍ବର ଦିଆଯିବ ।

| | |
|---|---|
| ୧.୩୮ ମିଟର - | ୬ ନମ୍ବର |
| ୧.୫୦ ମିଟର - | ୮ ନମ୍ବର |

| | | | |
|---|---|---|---|
| (୩) | **ଲମ୍ବଡିଆଁ - ୩.୬୬ ମିଟର** | ୩.୬୬ ମିଟର | ୧ ନମ୍ବର |
| | (୩ଟି ସୁଯୋଗ ମଧ୍ୟରୁ | ୪.୦୦ ମିଟର | ୩ ନମ୍ବର |
| | ଶ୍ରେଷ୍ଠ ପ୍ରଦର୍ଶନ ପାଇଁ | ୪.୩୫ ମିଟର | ୫ ନମ୍ବର |
| | ନମ୍ବର ଦିଆଯିବ) | ୪.୫୦ ମିଟର | ୬ ନମ୍ବର |

୩ ଥରରେ ୩.୬୬ମିଟର ଲମ୍ବଡିଆଁ ଡେଇଁନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୪) **<u>ଦଉଡି ଚଢା</u> - ୬ ମିଟର**(ଭୂମିଠାରୁ ଉପରକୁ) କେବଳ ହାତ ବ୍ୟବହାର କରିବେ ।

| **ସମୟ** | | **ନମ୍ବର** |
|---|---|---|
| ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କଲେ | - | ୬ ନମ୍ବର |
| ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | - | ୪ ନମ୍ବର |
| ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | - | ୨ ନମ୍ବର |

ତିନି ଥରରେ ୬ ମିଟର ଦଉଡି ଚଢା ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ**-୪୦ ମିଟର ୮ ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)
୮ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୬) **କ୍ରସକଣ୍ଟ୍ରି- ୫ କି.ମି.**

| **ସମୟ** | **ନମ୍ବର** |
|---|---|
| ୨୫ ମିନିଟ୍ | ୧ ନମ୍ବର |
| ୨୪ ମିନିଟ୍ | ୨ ନମ୍ବର |
| ୨୩ ମିନିଟ୍ | ୪ ନମ୍ବର |
| ୨୨ ମିନିଟ୍ | ୬ ନମ୍ବର |
| ୨୧ ମିନିଟ୍ | ୮ ନମ୍ବର |
| ୨୦ ମିନିଟ୍ | ୧୦ ନମ୍ବର |

୨୫ ମିନିଟ୍‌ରେ ଦୌଡ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**<u>ମହିଳା ମାନଙ୍କ ପାଇଁ</u>**

(୧) **ଦୌଡ଼** ୧.୬ କି.ମି.

| **ସମୟ** | **ନମ୍ବର** |
|---|---|
| ୭.୧୫ ମିନିଟ୍ | ୧୦ ନମ୍ବର |
| ୭.୪୫ ମିନିଟ୍ | ୮ ନମ୍ବର |
| ୮.୧୫ ମିନିଟ୍ | ୬ ନମ୍ବର |
| ୮.୩୦ ମିନିଟ୍ | ୪ ନମ୍ବର |

୮.୩୦ ମିନିଟ୍ ମଧ୍ୟରେ ଦୌଡ଼ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୨) **୨୦୦ ମିଟର ଦୌଡ଼**

| **ସମୟ** | **ନମ୍ବର** |
|---|---|
| ୨୮ ସେକେଣ୍ଡ | ୮ ନମ୍ବର |
| ୩୨ ସେକେଣ୍ଡ | ୫ ନମ୍ବର |
| ୩୬ ସେକେଣ୍ଡ | ୩ ନମ୍ବର |

୩୬ ସେକେଣ୍ଡ ମଧ୍ୟରେ ୨୦୦ ମିଟର ଦୌଡ଼ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | |
|---|---|---|---|
| (୩) | **ଲମ୍ବଡିଆଁ ୨.୭୫ ମିଟର** | ୨.୭୫ ମିଟର | ୧ ନମ୍ବର |
| | (୩ଟି ସୁଯୋଗ ମଧ୍ୟରୁ | ୩.୦୦ ମିଟର | ୩ ନମ୍ବର |
| | ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନମ୍ବର | ୩.୨୫ ମିଟର | ୫ ନମ୍ବର |
| | ଦିଆଯିବ) | ୩.୫୦ ମିଟର | ୬ ନମ୍ବର |

୩ ଥରରେ ୨.୭୫ ମିଟର ଲମ୍ବଡିଆଁ ଡେଇଁ ନ ପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | |
|---|---|---|---|
| (୪) | **ସାଇକେଲ୍ ଚାଳନା-୧.୬ କି.ମି.** | **ସମୟ** | **ନମ୍ବର** |
| | | ୫ ମିନିଟ୍ | ୬ ନମ୍ବର |
| | | ୫.୩୦ ମିନିଟ୍ | ୪ ନମ୍ବର |
| | | ୬ ମିନିଟ୍ | ୨ ନମ୍ବର |

୬ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ-**୪୦ ମିଟର-୧୦ ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା) ୧୦ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ:-** ଯଦି ପ୍ରାର୍ଥୀ ଉପରୋକ୍ତ ବିଭାଗ ଗୁଡ଼ିକରେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ ।

**(ଗ) ଗାଡି ଚାଳନା ପରୀକ୍ଷା**

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକମ୍‌ରେ ୧ ବର୍ଷର ହାଲୁକା କିମ୍ବା ଭାରୀ ଯାନ ଚାଳନା ନିମନ୍ତେ ଲାଇସେନ୍‌ସ ଅଛି (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଯେଉଁମାନେ ଏ ସମ୍ପର୍କରେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି ଏବଂ ଯେଉଁ ପ୍ରାର୍ଥୀ ମାନଙ୍କର ବୈଧ ଗାଡି ଚାଳନା ଲାଇସେନ୍‌ସ (valid driving license) ଥିବ କେବଳ ସେହିପ୍ରାର୍ଥୀ ମାନଙ୍କୁ ଗାଡିଚାଳନା ପରୀକ୍ଷାପାଇଁ ଅନୁମତି ଦିଆଯିବ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିମ୍ନଲିଖିତ ନମ୍ବର ପାଇବେ ।

(୧) ଭାରିଯାନ ଚାଳନା - ଲାଇସେନ୍‌ସ ସହ ଭାରୀଯାନ ଚାଳନା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ - **୫ ନମ୍ବର**

(୨) ହାଲୁକାଯାନ ଚାଳନା - ଲାଇସେନ୍‌ସ ସହ ହାଲୁକାଯାନ ଚାଳନା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ - **୩ ନମ୍ବର**

**ଏହି ପରୀକ୍ଷାରେ ଭାଗନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍‌ସ ଯାଞ୍ଚ ନିମନ୍ତେ ଦାଖଲ କରିବେ ।**

ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଓ ନମ୍ବର ପାଇଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଆବଶ୍ୟକସ୍ଥଳେ ଗାଡି ଚଳାଇବା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବ ।

**ଦ୍ରଷ୍ଟବ୍ୟ:-** ଗାଡି ଚାଳନା ଲାଇସେନ୍‌ସର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ତାହାର ସଠିକ୍ ତାରିଖକୁ Original Licenseସହିତ ମିଳାଇ ପ୍ରାର୍ଥୀ ଦରଖାସ୍ତ ଫର୍ମରେ ଉଲ୍ଲେଖ କରିଥିବା ସମସ୍ତ ତଥ୍ୟ ସହିତ ବିଚାରକୁ ନିଆଯିବ ।

**୧୧. ଶିକ୍ଷାଗତ ଯୋଗ୍ୟତା - ମୋଟ ନମ୍ବର -୬**

ପ୍ରାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ରଖିଥିବା %(ଶତକଡା) ମାର୍କକୁ ଭିତ୍ତିକରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ ।

| | **ଶିକ୍ଷାଗତ ଯୋଗ୍ୟତା** | **ଡିଭିଜନ୍ (%)** | **ନମ୍ବର** |
|---|---|---|---|
| (କ) | ମାଟ୍ରିକ | ୬୧% ଓ ଅଧିକ | ୬ ନମ୍ବର |
| (ଖ) | ମାଟ୍ରିକ | ୫୧% ରୁ ୬୦% | ୪ ନମ୍ବର |
| (ଗ) | ମାଟ୍ରିକ | ୪୧% ରୁ ୫୦% | ୨ ନମ୍ବର |
| (ଘ) | ମାଟ୍ରିକ | କମ୍ପାଟ୍‌ମେଣ୍ଟାଲ / ସପ୍ଲିମେଣ୍ଟାରି / ୪୧ ପ୍ରତିଶତ ମାର୍କରୁ କମ୍ ହୋଇଥିଲେ କୌଣସି ନମ୍ବର ଦିଆଯିବ ନାହିଁ । | |

**ଦ୍ରଷ୍ଟବ୍ୟ:-** ପ୍ରଥମ ସୁଯୋଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ହିଁ ନମ୍ବର ମିଳିବ । ଉଚ୍ଚତମ ଶିକ୍ଷାଗତ ଯୋଗ୍ୟତା ପାଇଁ କୌଣସି ନମ୍ବର ଦିଆଯିବ ନାହିଁ ।

**୧୨. ଲିଖିତ ପରୀକ୍ଷା - ମୋଟ ନମ୍ବର - ୨୫**

(କ) ଏହି ପରୀକ୍ଷା ହାଇସ୍କୁଲ ସାର୍ଟିଫିକେଟ ଷ୍ଟାଣ୍ଡାର୍ଡର କରାଯିବ ।

(ଖ) ଏହି ପରୀକ୍ଷା ବହୁମୁଖୀ ସମ୍ବନ୍ଧୀୟ ପ୍ରଶ୍ନପତ୍ର (multiple choice question) ଯଥା- ଓଡ଼ିଆ ଭାଷା, ଇଂରାଜୀ ଭାଷା, ଅଙ୍କ ଜ୍ଞାନ (Arithmetic), ସାଧାରଣଜ୍ଞାନ (General Knowledge) ଓ ଯଥାର୍ଥତା (Aptitude) ଏବଂ ତର୍କ ଜ୍ଞାନ (Logical reasoning) ଇତ୍ୟାଦିରେ କରାଯିବ ।

(ଗ) ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରି ନ ଥିବା ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(ଘ) ପରୀକ୍ଷା Optical Mark Reader (OMR)ପ୍ରଣାଳୀରେ କରାଯାଇପାରେ ।

(ଙ) ପ୍ରାର୍ଥୀ ମାନଙ୍କର ଲିଖିତ ପରୀକ୍ଷାର ଯୋଗ୍ୟତା ଭିତ୍ତିକ ନମ୍ବର ସିଲେକ୍‌ସନ୍ ବୋର୍ଡଙ୍କ ଦ୍ୱାରା ସ୍ଥିର କରାଯିବ ।

**୧୩. କ୍ରୀଡା - ମୋଟ ନମ୍ବର-୧୫**

କେବଳ ଓଡ଼ିଶା ପୋଲିସ୍ ଦ୍ୱାରା ପରିଚାଳିତ ନିମ୍ନଲିଖିତ କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ ।

| | |
|---|---|
| ୧. ଆଥ୍‌ଲେଟିକ୍‌ସ୍ | ୫. ହ୍ୟାଣ୍ଡବଲ |
| ୨. ଭଲିବଲ୍ | ୬. ହକି |
| ୩. ଫୁଟବଲ୍ | ୭. କବାଡି |
| ୪. ବାସ୍କେଟବଲ | ୮. ସୁଟିଂ |

**(କ) ଆନ୍ତର୍ଜାତୀୟ୍ କ୍ରୀଡାରେ**

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୫ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୧୪ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୧୩ ନମ୍ବର |

**(ଖ) ଆନ୍ତର୍ଜାତୀୟ୍ କ୍ରୀଡାରେ ଦେଶପାଇଁ ପ୍ରତିନିଧିତ୍ୱ କରି ମେଡାଲ୍ ପାଇ ନଥିଲେ** - ୧୦ ନମ୍ବର

**(ଗ) ଓପନ ଜାତୀୟ୍ ଚମ୍ପିଆନସିପ୍‌ରେ**

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୦ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୭ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୫ ନମ୍ବର |

**ଦ୍ରଷ୍ଟବ୍ୟ:**-(୧) କେବଳ ଗୋଟିଏ କ୍ରୀଡା ଇଭେଣ୍ଟ ପାଇଁ ନମ୍ବର ଦିଆଯିବ ।

(୨) କେବଳ ଓପନ୍ ଜାତୀୟ୍ ଏବଂ ଆନ୍ତର୍ଜାତୀୟ୍ ଚମ୍ପିଆନସିପ୍‌ରେ ପ୍ରାର୍ଥୀ ଭାଗ ନେଇଥିବେ ଏବଂ ସ୍ୱୀକୃତୀପ୍ରାପ୍ତ ଜାତୀୟ୍ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ୍ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା / ଜାତୀୟ୍ କ୍ରୀଡା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦନ ହୋଇଥିବା ଆବଶ୍ୟକ ।

(୩) କେବଳ ଓପନ୍ ଜାତୀୟ୍ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ୍ କ୍ରୀଡାରେ ଭାଗ ନେଇଥିବା ପୁରୁଷ, ମହିଳା, ଜୁନିଅର ବାଳକ / ବାଳିକା ଏବଂ ସବ୍ ଜୁନିଅର ବାଳକ / ବାଳିକା ବିଭାଗରେ ଭାଗ ନେଇଥିବା ପ୍ରାର୍ଥୀମାନଙ୍କର ଉପରୋକ୍ତ ଯୋଗ୍ୟତା ଭିତ୍ତିରେ ନମ୍ବର ବିଚାରକୁ ନିଆଯିବ ।

(୪) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ୍ ଓ ତୃତୀୟ୍ ସ୍ଥାନ ଗୁଡିକୁ ଯଥାକ୍ରମେ ଗୋଲ୍ଡ, ସିଲ୍ଭର୍ ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ ।

(୫) କ୍ରୀଡା ସାର୍ଟିଫିକେଟର ବୈଧତା ଓ ଆନୁସଙ୍ଗିକ ନିୟମାବଳୀ ନିମନ୍ତେ ଘରୋଇ ବିଭାଗ Notification No.1925-Home-SPL-IS-0002/2013-HOME, dtd.14.07.2014ରେ ଦ୍ରଷ୍ଟବ୍ୟ ।

**୧୪. <u>ଏନ୍.ସି.ସି.ସାର୍ଟିଫିକେଟ୍</u> - ମୋଟ ନମ୍ବର ୫**

| | | |
|---|---|---|
| ଏନ୍.ସି.ସି. 'A' ସାର୍ଟିଫିକେଟ୍ ପାଇଁ | - | ୧ ନମ୍ବର |
| ଏନ୍.ସି.ସି. 'B' ସାର୍ଟିଫିକେଟ୍ ପାଇଁ | - | ୩ ନମ୍ବର |
| ଏନ୍.ସି.ସି.'C' ସାର୍ଟିଫିକେଟ୍ ପାଇଁ | - | ୫ ନମ୍ବର |

୧୫. **ଡାକ୍ତରୀ ପରୀକ୍ଷା:**

ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଶାରିରୀକ ଦକ୍ଷତା ପରୀକ୍ଷା ପୂର୍ବରୁ ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରାଯିବ । ପ୍ରାର୍ଥୀଙ୍କର ଯଦି ଶରୀରର କୌଣସି ଅଙ୍ଗ ଅକ୍ଷମ କିମ୍ବା ଶାରୀରିକ ଅକ୍ଷମତା ଥାଏ ଏବଂ ପ୍ରାର୍ଥୀ ଡାକ୍ତରୀ ପରୀକ୍ଷାରେ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତାଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାପାଇଁ ଅନୁମତି ଦିଆଯିବ ନାହିଁ ।

**ଡାକ୍ତରୀ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥୀ ମାନଙ୍କୁ ଡାକ୍ତରଙ୍କ ତରଫରୁ "ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ଯୋଗ୍ୟ" ପ୍ରମାଣ ପତ୍ର ଦିଆଯିବ ଏବଂ ସେମାନଙ୍କୁ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅନୁମତି ଦିଆଯିବ ।**

**୧୬.** ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ନକଲ ଦରଖାସ୍ତ ସହିତ ସଂଲଗ୍ନ କରି ଦାଖଲ କରିବେ । ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ନକଲ ଉକ୍ତ ପ୍ରମାଣପତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୁଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ) ।
୨. ଶିକ୍ଷାଗତ ଯୋଗ୍ୟତା (ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ତତ୍ତୁଲ୍ୟ) ।
୩. ହାଇସ୍କୁଲ ସାର୍ଟିଫିକେଟର ମାର୍କସିଟ୍ର ନକଲ ।
୪. ଜାତିଗତ ପ୍ରମାଣପତ୍ର (କେବଳ ତଫସିଲଭୁକ୍ତ ଜାତି/ଉପଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)।
୫. ନାମ ପଞ୍ଜିକରଣ ପ୍ରମାଣପତ୍ର ।
୬. କ୍ରୀଡା ପ୍ରମାଣପତ୍ର (କେବଳ ଅନୁଚ୍ଛେଦ ୧୪ ରେ ଉଦ୍ଦିଷ୍ଟ ଥିବା କ୍ରୀଡା ନିମନ୍ତେ) ।
୭. ଏନ୍.ସି.ସି. ସାର୍ଟିଫିକେଟ (ଏନ୍.ସି.ସି. ସାର୍ଟିଫିକେଟ ପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ) ।
୮. ଗାଡି ଚାଳନା ଲାଇସେନ୍ସ (ଗାଡିଚାଳନା ଅଭିଜ୍ଞତା ଥିଲେ)।
୯. ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)।
୧୦. ତିନୋଟି (୩) ପାସପୋର୍ଟ ସାଇଜର ରଙ୍ଗୀନ ଫଟୋଗ୍ରାଫ (ଦରଖାସ୍ତ ଫର୍ମରେ ଲଗାଯାଇଥିବା ରଙ୍ଗୀନ ଫଟୋଗ୍ରାଫ ବ୍ୟତୀତ) (ଏହି ତିନୋଟି ଫଟୋର ପଛପାଖରେ ପ୍ରାର୍ଥୀଙ୍କ ନାମ ଓ ଦସ୍ତଖତ ରହିବ) ।

୧୭. **କିପରି ଆବେଦନ କରିବେ**

ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(OISF) ରେକନେଷ୍ଟବଲ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ, ସାରଣୀ ୨ରେ ଦର୍ଶାଯାଇଥିବା ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ପ୍ରାର୍ଥୀ ଦରଖାସ୍ତ ଫର୍ମ ମୂଲ୍ୟ ବାବଦରେ **ଟ.୩୫/- (ପଞ୍ଚ ତିରିଶ ଟଙ୍କା ମାତ୍ର)** ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଇଠ କରି ଦରଖାସ୍ତ ଫର୍ମ କିଣିବେ । ଏହା ବ୍ୟତୀତ ଏହି ଦରଖାସ୍ତ ଫର୍ମ ଓଡ଼ିଶା ପୋଲିସ ୱେବ ସାଇଟ୍ (www.odishapolice.gov.in) ରୁ ଡାଉନ ଲୋଡ କରିହେବ । ୱେବ ସାଇଟରୁ ଡାଉନ୍ ଲୋଡ୍ କରି ଫର୍ମ ଦେଇଥିବା ପ୍ରାର୍ଥୀ, ଫର୍ମ ସହିତ **ଟ.୩୫/- (ପଞ୍ଚ ତିରିଶ ଟଙ୍କା ମାତ୍ର)** ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ସଂଲଗ୍ନ କରିବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ସମ୍ପୃକ୍ତ

ଆରକ୍ଷୀ ଅଧୀକ୍ଷକଙ୍କ ସପକ୍ଷରେ  କରିବେ । ଏହା କିପରି କରାଯିବ ଏହି ବିଷୟରେ ସବିଶେଷ ବିବରଣୀ କ୍ରମିକ ସଂଖ୍ୟା ୪ ସ୍ତମ୍ଭରେ ଦର୍ଶାଯାଇଥିବା ସାରଣୀ (Table) ରେ ପ୍ରଦତ୍ତ କରାଯାଇଅଛି । ଅନ୍ୟମାଧ୍ୟମରୁ ଆଣିଥିବା ଫର୍ମ ଗ୍ରହଣ ଯୋଗ୍ୟ ନୁହେଁ । ପ୍ରାର୍ଥୀ ଦରଖାସ୍ତ ଫର୍ମ ସହିତ ବ୍ୟାଙ୍କ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର  ଓ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲ ସହ ନିମ୍ନମତେ ଡାକ ଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିମ୍ନଲିଖିତ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ସ୍ଥାନରେ ଦାଖଲ କରି ରସିଦ ନେବେ । ଫର୍ମ ଦାଖଲ କରିବାର ଶେଷ ତାରିଖ **୦୪.୦୧.୨୦୧୬** ଅଟେ ।

| **କ୍ରମିକ ସଂଖ୍ୟା** | **ଜିଲ୍ଲାର ନାମ** | **କେଉଁଠାକୁ ଡାକ ଯୋଗେ ପଠାଇବେ କିମ୍ବା ବ୍ୟକ୍ତିଗତଭାବେ ଦାଖଲ କରିବେ** |
|---|---|---|
| ୧. | କଟକ | Supdt. of Police, Cuttack, At/PO/Dist:Cuttack. |
| ୨. | ଜଗତସିଂହପୁର | Supdt. of Police, Jagatsinghpur, At/PO/Dist:Jagatsinghpur. |
| ୩. | ଯାଜପୁର | Supdt. of Police, Jajpur,At/PO: Panikoili, Dist: Jajpur. |
| ୪. | ନୟାଗଡ | Supdt. of Police, Nayagarh, At/PO/Dist: Nayagarh. |
| ୫. | କେନ୍ଦ୍ରାପଡା | Supdt. of Police, Kendrapara, At/PO/Dist: Kendrapara. |
| ୬. | ପୁରୀ | Supdt. of Police, Puri, At/PO/Dist: Puri. |
| ୭. | ଖୋର୍ଦ୍ଧା | Supdt. of Police, Khordha, At/PO/Dist: Khordha. |
| ୮. | ବାଲେଶ୍ୱର | Supdt. of Police, Balasore, At/PO/Dist: Balasore. |
| ୯. | ଭଦ୍ରକ | Supdt. of Police,Bhadrak, At/PO/Dist: Bhadrak. |
| ୧୦. | ମୟୂରଭଞ୍ଜ | Supdt. of Police, Mayurbhanj At/PO: Baripada, Dist: Mayurbhanj. |
| ୧୧. | ଗଞ୍ଜାମ | Supdt. of Police, Ganjam, At/PO: Chhatrapur, Dist: Ganjam. |
| ୧୨. | ଗଜପତି | Supdt. of Police, Gajapati, At/PO/Dist: Gajapati. |
| ୧୩. | ବୌଦ୍ଧ | Supdt. of Police, Boudh, At/PO/Dist: Boudh. |
| ୧୪. | କନ୍ଧମାଳ | Supdt. of Police, Kandhamal, At/PO/Dist: Kandhamal. |
| ୧୫. | ଅନୁଗୁଳ | Supdt. of Police, Angul, At/PO/Dist: Angul. |
| ୧୬. | ଢେଙ୍କାନାଳ | Supdt. of Police,Dhenkanal, At/PO/Dist:Dhenkanal. |
| ୧୭. | ଦେବଗଡ | Supdt. of Police, Deogarh, At/PO/Dist: Deogarh. |
| ୧୮. | ସମ୍ବଲପୁର | Supdt. of Police, Sambalpur, At/PO/Dist: Sambalpur. |
| ୧୯. | ବରଗଡ | Supdt. of Police, Bargarh, At/PO/Dist: Bargarh. |
| ୨୦. | ବାଲଙ୍ଗିର | Supdt. of Police, Bolangir, At/PO/Dist: Bolangir. |
| ୨୧. | ଝରାସୁଗଡା | Supdt. of Police, Jharsuguda, At/PO/Dist: Jharsuguda. |
| ୨୨. | ସୁବର୍ଣ୍ଣପୁର | Supdt. of Police, Subarnapur, At/PO: Sonepur, Dist: Subarnapur. |
| ୨୩. | କୋରାପୁଟ | Supdt. of Police, Koraput, At/PO/Dist: Koraput. |
| ୨୪. | ମାଲକାନ୍‌ଗିରି | Supdt. of Police, Malkangiri, At/PO/Dist: Malkangir. |
| ୨୫. | ରାୟଗଡା | Supdt. of Police, Rayagada, At/PO/Dist: Rayagada. |
| ୨୬. | କଳାହାଣ୍ଡି | Supdt. of Police,Kalahandi, At/PO: Bhawanipatna, Dist: Kalahandi. |
| ୨୭. | ନୂଆପଡା | Supdt. of Police,Nuapada, At/PO/Dist: Nuapada. |
| ୨୮. | ନବରଙ୍ଗପୁର | Supdt. of Police,Nawarangpur, At/PO/Dist: Nawarangpur. |
| ୨୯. | ସୁନ୍ଦରଗଡ | Supdt. of Police, Sundargarh, At/PO/Dist: Sundargarh. |
| ୩୦. | କେଉଁଝର | Supdt. of Police,Keonjhar, At/PO/Dist: Keonjhar. |

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(OISF) ରେକନେଷ୍ଟବଲ ନିଯୁକ୍ତି ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡିଶା ସରକାରଙ୍କର ଗୃହ ବିଭାଗ Notification No.1925-Home-SPL-IS-0002/2013-HOME, dtd.14.07.2014 ରେ ଉପଲବ୍ଧ ଅଟେ ।

**ଅଧ୍ୟକ୍ଷା,**
**ରାଜ୍ୟ ସିଲେକ୍ସନ ବୋର୍ଡ,**
**ଓଡିଶା ପୋଲିସ, କଟକ।**